୧୮/୦୯/୧୯୮୮

# ବ୍ୟବସ୍ଥା ଓ ବିଶ୍ୱସ୍ତତା

ଯେକୌଣସି ବ୍ୟବସ୍ଥା ର ସଫଳତା ପାଇଁ ତା'ର ବିଶ୍ୱସ୍ତତା ଏକ ଅପରିହାର୍ଯ୍ୟ ଆବଶ୍ୟକତା । ବିଶେଷକରି ଏକ ସାମ୍ବିଧାନିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏପ୍ରକାର ଆବଶ୍ୟକତା ଅଧିକ ଗୁରୁତ୍ୱପୂର୍ଣ୍ଣ । ବ୍ୟବସ୍ଥିତ ସମାଜରେ ବିଶ୍ୱସ୍ତତା ସାମଗ୍ରିକ ଚେତନା, ନିୟମିତତା ଓ ଅଭ୍ୟାସ ଉପରେ ନିର୍ଭର କରେ । ଗୋଟିଏ ଗ୍ରହଣଯୋଗ୍ୟ କାର୍ଯ୍ୟକ୍ରମ ବାରମ୍ବାର ଘଟି ... ସାମଗ୍ରିକ ଚେତନା, ନିୟମିତତା ଓ ଅଭ୍ୟାସରେ ପରିଣତ ହେଲେ ପରମ୍ପରାର ରୂପ ନିଏ । ବହୁ ଲିଖିତ ବ୍ୟବସ୍ଥା ସତ୍ତ୍ୱେ ଉନ୍ନତ ପରମ୍ପରାର ଅଭାବ ଘଟିଲେ କୌଣସି ଅନୁଷ୍ଠାନ ବା ବ୍ୟବସ୍ଥା ତାର ବିଶ୍ୱସ୍ତତା ହରାଇବସେ । ଆଜି ଆମର ସାମଗ୍ରିକ ଜୀବନରେ ଯେଉଁ ବିଶୃଙ୍ଖଳା ଦେଖାଦେଇଛି କିମ୍ବା ବିଭିନ୍ନ ବ୍ୟବସ୍ଥା ଯେପରି ଭାବରେ ଏକ ବିଶ୍ୱାସର ସଙ୍କଟର ସମ୍ମୁଖୀନ ହୋଇଛନ୍ତି, ତାହାର ଅନ୍ୟତମ କାରଣ ଉନ୍ନତ ପରମ୍ପରାର ଅଭାବ କହିଲେ ଅତ୍ୟୁକ୍ତି ହେବନାହିଁ । ଏପ୍ରକାର ସାଧାରଣ ନୈତିବାଦୀ ମନ୍ତବ୍ୟ ଓ ବକ୍ତବ୍ୟକୁ ପ୍ରତିପାଦିତ କରିବା ପାଇଁ ଆମର ସାମାଜିକ ଓ ରାଜନୈତିକ ଜୀବନରୁ ବହୁ ଉଦାହରଣ ଦିଆଯାଇ ପାରେ । ଆଜି କିନ୍ତୁ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ ଓ ତା'ର କାର୍ଯ୍ୟକଳାପ ସମ୍ପର୍କରେ ଦୁଇପଦ କହିଲେ ଯଥେଷ୍ଟ ହେବ ।

ସରକାରୀ ନିଯୁକ୍ତି ଓ ପଦୋନ୍ନତି ସମ୍ପର୍କରେ ପରାମର୍ଶ ଦେବାପାଇଁ ସମ୍ବିଧାନରେ ପବ୍ଲିକ ସର୍ଭିସ୍ କମିଶନର ବିଧିବଦ୍ଧ ବ୍ୟବସ୍ଥା ରହିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ପ୍ରାର୍ଥୀ ମନୋନୟନ ଏବଂ ପଦୋନ୍ନତି ପାଇଁ ସୁପାରିଶ କରିବା ନିମନ୍ତେ ଏମାନଙ୍କୁ ସ୍ୱତନ୍ତ୍ର ଅଧିକାର ଦିଆଯାଇଛି ଏମାନେ ଏହି ସାମ୍ବିଧାନିକ ଅଧିକାର ବଳରେ ଅନ୍ୟ ସରକାରୀ ବିଭାଗୀୟ ଚାପ ଏବଂ ଦୁର୍ବଳତାରୁ ଦୂରରେ ରହି ପ୍ରଶାସନିକ ସେବାରେ ଦକ୍ଷତା ଏବଂ ନ୍ୟାୟର ନିର୍ଣ୍ଣାୟକ ହୋଇପାରିବେ ବୋଲି ସମ୍ବିଧାନରେ ବିଶ୍ୱାସ କରାଯାଇଛି । ଏଥିପାଇଁ ସେମାନଙ୍କ ଦ୍ୱାରା ଆୟୋଜିତ ପରୀକ୍ଷା ଆମମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ଲାଭ କରିଛି । ଏସବୁ ଦୃଷ୍ଟିରୁ ଓଡ଼ିଶା କଥା ଚିନ୍ତା କଲାବେଳେ ନିଶ୍ଚିତ ଭାବେ କ୍ଷୋଭ ଏବଂ ବିବ୍ରତ ଭାବ ପ୍ରକାଶ ପାଉଛି । ପରୀକ୍ଷା ବ୍ୟବସ୍ଥାର ଆବଶ୍ୟକ ତତ୍ତ୍ୱ ହେଲା ତାହାର ନିୟମିତତା ଏବଂ ବିଶ୍ୱସ୍ତତା । କେନ୍ଦ୍ରୀୟ ଆୟୋଗ ପରି ରାଜ୍ୟସ୍ତରରେ ମଧ୍ୟ

## ଆମଘରର ହାଲଚାଲ

**ସୌମ୍ୟରଞ୍ଜନ ପଟ୍ଟନାୟକ**

ପ୍ରତିବର୍ଷ ପରୀକ୍ଷା ଦ୍ୱାରା ସରକାରୀ ନିଯୁକ୍ତି ପାଇଁ ପବ୍ଲିକ ସର୍ଭିସ୍ କମିଶନ ପ୍ରାର୍ଥୀ ମନୋନୟନ କରିବା କଥା । କିନ୍ତୁ ଗୋଟିଏ ବର୍ଷର ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନର ପରୀକ୍ଷା କାର୍ଯ୍ୟନିର୍ଘଣ୍ଟ ପ୍ରତି ଦୃଷ୍ଟିଦେଲେ ଯେକେହି ହେଲେ ନିଶ୍ଚୟ ବିବ୍ରତ ହେବେ । ଉଦାହରଣ ସ୍ୱରୂପ ୧୯୮୫ ମସିହା ଅକ୍ଟୋବର ମାସରେ ସେବର୍ଷର ସରକାରୀ ଚାହିଦାକୁ ଦେଖି ପରୀକ୍ଷା ପାଇଁ ବିଜ୍ଞାପନ ଓ ଇସ୍ତାହାର ପ୍ରକାଶ ପାଇଲା । କିନ୍ତୁ ସେ ପରୀକ୍ଷା କରିବା ପାଇଁ ଆମର ଆୟୋଗକୁ ୧ ବର୍ଷରୁ ଅଧିକ ସମୟ ଲାଗିଗଲା । ୧୯୮୬ ଡିସେମ୍ବର ମାସରେ ହୋଇଥିବା ଏ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଁ ଆଉଗୋଟିଏ ବର୍ଷ ଲାଗିଲା ଏବଂ ତା'ପରେ ୧୯୮୮ ଫେବୃଆରୀ ମାସରେ ମୌଖିକ ପରୀକ୍ଷା ପରେ ଚୂଡ଼ାନ୍ତ ଫଳ ପ୍ରକାଶ ପାଇଲା । ସବୁଠାରୁ କୌତୂହଳର ବିଷୟ ଏହି ଯେ ୧୯୮୫ରେ ବିଜ୍ଞାପିତ ପରୀକ୍ଷାର ଫଳ ପ୍ରକାଶିତ ହେବାରେ ମାତ୍ରାଧିକ ବିଳମ୍ବ ଘଟୁଥିବା ଅବସରରେ ୧୯୮୬ ମସିହାର ପରୀକ୍ଷା ପାଇଁ ମଧ୍ୟ ପୁଣି ବିଜ୍ଞାପନ ଦିଆଗଲା । ବହୁ ପ୍ରାର୍ଥୀ ୧୯୮୫ ମସିହା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ଏହି କାରଣରୁ ଆଉଥରେ ପରୀକ୍ଷା ଦେବାପାଇଁ ବାଧ୍ୟ ହେଲେ । ୧୯୮୬ ମସିହା ଅକ୍ଟୋବର ମାସରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ଲିଖିତ ପରୀକ୍ଷାଟି କରାଗଲା ୧୯୮୭ ଡିସେମ୍ବରରେ । ୧୯୮୮ ଜୁଲାଇରେ ଲିଖିତ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚୂଡ଼ାନ୍ତ ଫଳ ପ୍ରକାଶ ପାଇନାହିଁ । ଓଡ଼ିଶା ହିଁ ବୋଧହୁଏ ଏକମାତ୍ର ରାଜ୍ୟ, ଯେଉଁଠି ଗରିବ ମେଧାବୀ ଯୁବକମାନଙ୍କୁ ସ୍ୱୀକୃତିପ୍ରାପ୍ତ ସରକାରୀ ଚାକିରିଟିଏ ପାଇବା ପାଇଁ ଗୋଟିଏ ପରୀକ୍ଷାରେ ଦୁଇ ଦୁଇଥର ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥାଏ । ଖାଲି ସେତିକି ନୁହେଁ ଦୁଇବର୍ଷ ଅପେକ୍ଷାକରି କୃତକାର୍ଯ୍ୟ ହେବାପରେ ମଧ୍ୟ ନିଯୁକ୍ତି ପାଇବା ପାଇଁ ଆହୁରି ବର୍ଷେ ଅପେକ୍ଷା କରିବାକୁ ପଡୁଛି । ଯେଉଁଠି ଏକ ସାମ୍ବିଧାନିକ ବ୍ୟବସ୍ଥା ଦ୍ୱାରା ସ୍ୱୀକୃତ ଏକ ସଂସ୍ଥା ଗୋଟିଏ ସାଧାରଣ ପରୀକ୍ଷା କରିବାକୁ ଦୁଇବର୍ଷରୁ ଅଧିକ ସମୟ ନିଅନ୍ତି, ସେ ରାଜ୍ୟରେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟମିତ ଭାବେ ହୋଇପାରୁ ନାହିଁ ବୋଲି ଆମେ ବା ଅଭିଯୋଗ କରିବା କାହିଁକି ? ଏହାଦ୍ୱାରା ଗୋଟିଏ ବ୍ୟବସ୍ଥା ଯେ ତା'ର ବିଶ୍ୱସ୍ତତା ହରାଉଛି, ତା' ନୁହେଁ । ଯେଉଁ ସରକାରୀ ଚାକିରି ଗୁଡ଼ିକ ପାଇଁ ଏ ବ୍ୟବସ୍ଥା କରାଯାଉଛି ସେଗୁଡ଼ିକ ମଧ୍ୟ ସାଧାରଣରେ ସମ୍ମାନ ହରାଉଛନ୍ତି । ଆମର ପବ୍ଲିକ ସର୍ଭିସ୍ କମିଶନ ଆମର ସାମଗ୍ରିକ ଜୀବନର ସବୁ କ୍ଷେତ୍ରରୁ ବଛାବଛା ଲୋକଙ୍କୁ ନେଇ ସବୁପ୍ରକାର ସୁବିଧାସୁଯୋଗ ଦେଇ ଗଠିତ ହୋଇଛି । ଏଥିରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଇଞ୍ଜିନିୟରିଂ ଓ ଅଧ୍ୟାପନା ବୃତ୍ତିରେ ସମ୍ମାନ ଓ ସ୍ୱୀକୃତି ଲାଭ କରିଥିବା ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତିମାନେ ଅଛନ୍ତି ତ ଜାତୀୟ ଜୀବନରେ ବହୁ ଅନୁଭବର ଅଧିକାରୀ ତଥା ଗିରିଜନ ଏବଂ ହରିଜନ ମାନଙ୍କର ସ୍ୱାର୍ଥ ରକ୍ଷାପାଇଁ ସମାଜସେବୀ ପ୍ରତିନିଧିମାନେ ଅଛନ୍ତି । କେନ୍ଦ୍ରୀୟ ଆୟୋଗ ନିୟମିତ ଭାବେ ତାଙ୍କର ପରୀକ୍ଷା ପରିଚାଳନା ଫଳାଫଳ ଘୋଷଣା ଓ ନିଯୁକ୍ତି ବ୍ୟବସ୍ଥା କରିପାରୁଥିବାବେଳେ ଆମର ରାଜ୍ୟସ୍ତରୀୟ ଆୟୋଗ ତାହା କରିପାରୁ ନାହାନ୍ତି କାହିଁକି ? ତା ଯଦି ସେମାନେ ନକରିପାରିବେ, ତାହାହେଲେ ଆୟୋଗ ଗ୍ରହଣ କରୁଥିବା ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କର ବିଶ୍ୱସ୍ତତା ରହିବ ବା କିପରି ?